# ସାଧାରଣତନ୍ତ୍ର ଦିବସ ପାଳନ 2024 ପାଇଁ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସରକାରୀ ଗସ୍ତ

ଡିସେମ୍ବର 22, 2023

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣକ୍ରମେ ଫ୍ରାନ୍ସ ରାଷ୍ଟ୍ରପତି ମହାମହିମ ଶ୍ରୀ ଇମାନୁଏଲ ମାକ୍ରନ୍ 75ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଭାରତ ଗସ୍ତରେ ଆସିବେ ।

2. ଷ୍ଟ୍ରାଟେଜିକ୍ ପାର୍ଟନର ବା ରଣନୈତିକ ଭାଗୀଦାର ଭାବେ ଭାରତ ଓ ଫ୍ରାନ୍ସ ମଧ୍ୟରେ ବିଭିନ୍ନ ଆଞ୍ଚଳିକ ଓ ବୈଶ୍ୱିକ ବା ଗ୍ଲୋବାଲ ପ୍ରସଙ୍ଗରେ ଉଚ୍ଚ ସ୍ତରର ସମନ୍ୱୟ ରହିଛି । ଚଳିତ ବର୍ଷ ଆମେ ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀ ବା ଷ୍ଟ୍ରାଟେଜିକ ପାର୍ଟନରସିପର 25ତମ ବାର୍ଷିକୀ ପାଳନ କରୁଛୁ । 14 ଜୁଲାଇ 2023ରେ ପ୍ୟାରିସରେ ଆୟୋଜିତ ବାଷ୍ଟାଇଲ ଦିବସ ପ୍ୟାରେଡରେ ପ୍ରଧାନମନ୍ତ୍ରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରାଷ୍ଟ୍ରପତି ମାକ୍ରନ ସେପ୍ଟେମ୍ବର 9-10, 2023ରେ ଜି-20 ଶିଖର ସମ୍ମିଳନୀ ପାଇଁ ଭାରତ ଗସ୍ତରେ ଆସିଥିଲେ ।

**ନୂଆଦିଲ୍ଲୀ**
**ଡିସେମ୍ବର 22, 2023**